FirstRanker.com
Firstranker's choice
www.FirstRanker.com www.FirstRanker.com

# SAMPLE QUESTION PAPER 2020-21
# CLASS – X
# ODIA (013) SET-1

*Time Allowed: 3 hours* *Maximum Marks: 80*

**ସାଧାରଣ ନିର୍ଦ୍ଦେଶାବଳୀ:**

ନିମ୍ନଲିଖିତ ନିର୍ଦ୍ଦେଶଗୁଡ଼ିକ ସାବଧାନ ସହକାରେ ପଢ଼ି ପାଳନ କର ।

- ଏହି ପ୍ରଶ୍ନ ପତ୍ରରେ ଦୁଇଟି ବିଭାଗ ରହିଛି । 'କ' ବିଭାଗ ଓ 'ଖ' ବିଭାଗ
- 'କ' ବିଭାଗ ରେ ବସ୍ତୁନିଷ୍ଠ (objective question) ପ୍ରଶ୍ନ ପଚରା ଯାଇଛି ।
- 'କ' ବିଭାଗ ରେ ସମୁଦାୟ ୫୩ଟି ବହୁ ବୈକଳ୍ପିକ/ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ (M.C.Q) ପଚରାଯାଇଛି । ଦିଆ ଯାଇଥିବା ନିର୍ଦ୍ଦେଶ ପାଳନ କରି କେବଳ ୪୦ଟି ପ୍ରଶ୍ନର ଉତ୍ତର ଦେବ ।
- 'କ' ବିଭାଗରେ ଥିବା ବହୁ ବିକଳ୍ପ ମଧ୍ୟରୁ ଠିକ ଉତ୍ତରକୁ କେବଳ ନୀଳ କାଳି ଥିବା ଡଟ୍ କଲମରେ ପୂରଣ କର ।
- ଓ.ଏମ.ଆର୍ ପତ୍ରିକାର ଗୋଲ୍ ଚିହ୍ନକୁ ଭଲ ଭାବରେ ପୂରଣ କର ।
- 'ଖ' ବିଭାଗରେ ବର୍ଣ୍ଣନାତ୍ମକ /ଲିଖନ ମୂଳକ ପ୍ରଶ୍ନ (Descriptive Questions) ପଚରାଯାଇଛି ।
- 'ଖ' ବିଭାଗରେ ସମୁଦାୟ ୧୯ ଟି ପ୍ରଶ୍ନ ପଚରାଯାଇଛି । ଏଠାରେ ବୈକଳ୍ପିକ ପ୍ରଶ୍ନ ମଧ୍ୟ ପଚରାଯାଇଛି । ଦିଆ ଯାଇଥିବା ନିର୍ଦ୍ଦେଶ ପାଳନ କରି କେବଳ ୧୦ଟି ପ୍ରଶ୍ନର ଉତ୍ତର ଦେବ ।

## 'କ' ବିଭାଗ
## ବହୁ ବୈକଳ୍ପିକ/ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ

1. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ଯେ କୌଣସି ପାଂଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ । (1x5=5)

ଜନଜୀବନରେ ନିତିପ୍ରତି ଘଟୁଥିବା ଘଟଣା ସାହିତ୍ୟରେ ପ୍ରତିଫଳିତ ହୁଏ । ଯେଉଁ ସାହିତ୍ୟ ଲୌକିକ ବଚନ ଆକାରରେ ଜନସାଧାରଣଙ୍କ ମୁହଁରୁ ମୁହଁକୁ ଯାଇ ବଂଚି ରହେ, ତାହା ହିଁ ଲୋକ ସାହିତ୍ୟ । ପୃଥିବୀର ସବୁ ଦେଶରେ ଊଣା ଅଧିକେ ଏ ଧରଣର ସାହିତ୍ୟ ରହିଛି । କେଉଁ ଆଦିମ କାଳରୁ ଏହାର ସୃଷ୍ଟି କହିବା ଅସମ୍ଭବ । ଏତିକି କହିଲେ



www.FirstRanker.com

ଯଥେଷ୍ଟ ହେବ ଯେ ମଣିଷର ସୃଷ୍ଟି ସହିତ ଏଭଳି ସାହିତ୍ୟ ସମାନ୍ତରାଳ ଭାବରେ ଗତି କରି ଆସିଛି । ଏ ସାହିତ୍ୟର ଲେଖକମାନେ ଅଜ୍ଞାତନାମା । ଅର୍ଥାତ୍ ଏହାକୁ କିଏ ସୃଷ୍ଟି କରିଛି କେହି ଜାଣନ୍ତି ନାହିଁ । କୌଣସି ସମ୍ମାନ ବା ପ୍ରସିଦ୍ଧି ଅର୍ଜନ କରିବା ପାଇଁ କୌଣସି ବ୍ୟକ୍ତି ବିଶେଷ ଏହାକୁ ସୃଷ୍ଟି କରି ନାହାନ୍ତି । ଅବଶ୍ୟ ଲିଖିତ ରୂପରେ ଲୋକ ସାହିତ୍ୟର ସଂଗ୍ରହ ଖୁବ୍ ଅଳ୍ପଦିନର କଥା । ଏଇମାତ୍ର ଊନବିଂଶ ଶତାବ୍ଦୀରୁ ଏହାର ସଂଗ୍ରହ ଆରମ୍ଭ ହୋଇଛି । ମଣିଷର ସୁଖ- ଦୁଃଖ, ଅଶ୍ରୁ, ବେଦନା ଓ ଅନ୍ତର୍ଦାହର ଚିତ୍ର ଲୋକ ସାହିତ୍ୟରେ ସାବଲୀଳ ଭାବରେ ପ୍ରକାଶିତ । ଏଥିରେ ଗାମ୍ଭୀର୍ଯ୍ୟ ନଥାଏ, ସରଳ ସାବଲୀଳ ଭାବରେ ସାଧାରଣ ମଣିଷଟିଏ ତା' ମନର କଥାକୁ କୌଣସି ବିଶେଷ ମୁହୂର୍ତ୍ତରେ ସ୍ୱତଃସ୍ଫୂର୍ତ୍ତ ଭାବରେ ବ୍ୟକ୍ତ କରିଥାଏ । ଏ ସାହିତ୍ୟ ବିଦ୍ୱାନମାନଙ୍କଠାରୁ ଆରମ୍ଭ କରି ଅଶିକ୍ଷିତ ଜନସାଧାରଣଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଆଦରଣୀୟ । ଲୋକ ସାହିତ୍ୟ ମଧ୍ୟରେ ଯେଉଁ ଚିରନ୍ତନତା ଥାଏ, ତାହା ଅବଲୀଳା କ୍ରମେ ଆଧୁନିକ ମାନବ ନିକଟକୁ ମଧ୍ୟ ସଂଚରିଯାଏ । ସବୁବର୍ଗର ପାଠକ ପାଠିକାମାନେ ଲୋକ ସାହିତ୍ୟ ପଢ଼ି ଆନନ୍ଦ ଲାଭ କରନ୍ତି । ଲୋକ ସାହିତ୍ୟରୁ ମିଥ୍ ସଂଗ୍ରହ କରି ସେସବୁର ଆଧୁନିକ ସାହିତ୍ୟରେ ବ୍ୟବହାର କରିବାରେ ଆଜିର କବି ଓ ଲେଖକମାନେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ।

**ପ୍ରଶ୍ନାବଳୀ:**

www.FirstRanker.com

**(କ)** ଲୋକ ସାହିତ୍ୟ କାହାକୁ କୁହାଯାଏ ? (1)

(i) ଜନସାଧାରଣଙ୍କ ମୁହଁରୁ ମୁହଁକୁ ଯାଇ ଯେଉଁ ସାହିତ୍ୟ ବଂଚିରହେ

(ii) ଲୋକଙ୍କ ମନକୁ ଛୁଇଁ ଯାଉଥିବା ସାହିତ୍ୟ

(iii) ଲୋକ ବୁଝି ପାରୁଥିବା ସାହିତ୍ୟ

(iv) ଲୋକ ଲେଖୁଥିବା ସାହିତ୍ୟ

**(ଖ)** ଲୋକ ସାହିତ୍ୟ ଲିଖିତ ଭାବରେ କେବେଠୁ ସଂଗ୍ରହ କରାଯାଇଛି ? (1)

(i) ଆଦିମ କାଳରୁ

(ii) ବିଂଶ ଶତାବ୍ଦୀରୁ

(iii) ଊନବିଂଶଶତାବ୍ଦୀରୁ

(iv) ଆଧୁନିକ ଯୁଗରୁ

**(ଗ)** ଲୋକସାହିତ୍ୟରେସାବଲୀଳଭାବରେ କ'ଣ ପ୍ରକାଶ ପାଏ ? (1)

(i) ଦେଶ ବିଦେଶର ଖବର

(ii) ହସ କଥା

(iii) ଜୀବନ ଗାଥା

(iv) ମଣିଷରସୁଖ ଦୁଃଖ, ଅଶ୍ରୁ, ବେଦନା ଓ ଅନ୍ତର୍ଦାହର ଚିତ୍ର

**(ଘ)** କେଉଁ ଦେଶରେ ଲୋକସାହିତ୍ୟ ଦେଖିବାକୁ ମିଳିଥାଏ ? (1)

(i) ଏସିଆ ଓ ଇଉରୋପ

(ii) ପୃଥିବୀର ସବୁଦେଶ

(iii) କେବଳଏସିଆ ମହାଦେଶ

(iv) ଆରବ ଦେଶ

**(ଙ)** ଆଧୁନିକ ସାହିତ୍ୟରେ ଲୋକସାହିତ୍ୟ କିପରି ଭାବରେ ବ୍ୟବହୃତ ? (1)

(i) ଗଳ୍ପ ଭାବରେ

(ii) କବିତା ଭାବରେ

(iii) ପ୍ରତୀକ ଭାବରେ

(iv) ମିଥ୍ ଭାବରେ

**(ଚ)** ଲୋକ ସାହିତ୍ୟ କାହିଁକି ସମସ୍ତଙ୍କର ଆଦରଣୀୟ ? (1)

(i) ଏହା ଘରେ ଘରେ ପଠିତ

(ii) ସରଳ ସାବଲୀଳ ଭାବରେ ଏହା ମନର କଥାକୁ ବ୍ୟକ୍ତ କରିଥାଏ

(iii) ଯିଏ ଚାହିଁବ ଲେଖିପାରିବ

(iv) ସମସ୍ତେ ଏହାକୁ ବୁଝିପାରିବେ

**(ଛ)** କେଉଁମାନେ ଲୋକ ସାହିତ୍ୟ ପ୍ରତି ବିଶେଷ ଆଗ୍ରହ ଦେଖାଇଥାନ୍ତି ? (1)

(i) ଜନସାଧାରଣ

(ii) ନେତା

(iii) ଅଭିନେତା

(iv) କବି ଓ ଲେଖକମାନେ

**କିମ୍ବା**

ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ଯେକୌଣସି ପାଂଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ ।

ଏ ସଂସାରରେ ମଣିଷ ଜନ୍ମହୁଏ ଓ ଦୁନିଆଁର ରଙ୍ଗମଂଚରେ କିଛିକାଳ ଅଭିନୟକରି ବାହୁଡ଼ିଯାଏ । ଏହି ଯିବା ଆସିବାର ଖେଳ ଭିତରେ ଏଭଳି କିଛି ମହତ ଲୋକ ଥାଆନ୍ତି, ଯେଉଁମାନଙ୍କ ତିରୋଧାନରେ ଦେଶ ଓ ଜାତି ଝୁରିହୁଏ । ଏହି ଶ୍ରେଣୀର ବ୍ୟକ୍ତିମାନଙ୍କର

www.FirstRanker.com

ନୀତି ଓ ଆଦର୍ଶ ଅନ୍ୟମାନଙ୍କର ପ୍ରେରଣାର ଉତ୍ସ ହୁଏ । ମଣିଷ ବଂଚିରହେ ଯଶ, କୀର୍ତ୍ତି ଓ ଆଦର୍ଶକୁ ନେଇ । ଆଦର୍ଶକୁ ପାଥେୟ କଲେ ବଂଚିବାର ପଥଟି ସହଜ ହୋଇଯାଏ । ନିର୍ଯାତନା ଯେତେ ଯନ୍ତ୍ରଣାଦାୟକ ହେଲେ ମଧ୍ୟ ଆଦର୍ଶବାଦୀ ବ୍ୟକ୍ତି କଦାପି ସତ୍ୟ ଓ ନ୍ୟାୟ ପଥରୁ ବିଚ୍ୟୁତ ହୁଏ ନାହିଁ । ଆଦର୍ଶ ହିଁ ବ୍ୟକ୍ତିର ଶ୍ରେଷ୍ଠ ସମ୍ପଦ ଓ ବ୍ୟକ୍ତିର ନିର୍ଯ୍ୟାସ । ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ନିଜର ଆଦର୍ଶବାଦୀ ଚିନ୍ତାଧାରା ପ୍ରତି ନିଷ୍ଠା ଓ ଆନୁଗତ୍ୟ ରଖିଥାଏ, ସେତେଦିନ ପର୍ଯ୍ୟନ୍ତ ସେ ମାନସିକ ସ୍ତରରେ ବେଶ୍ ଦୃଢ଼ ଥାଏ । ସତ୍ ନୀତିର ଅନୁସରଣ, ଆଦର୍ଶବାଦୀ ଚିନ୍ତାନାୟକଙ୍କ କାର୍ଯ୍ୟଧାରାର ଅନୁଶୀଳନ ଦ୍ୱାରା ମଣିଷ ମହତ୍ ହୁଏ ଓ ଶ୍ରେଷ୍ଠତା ଅର୍ଜନରେ ସମର୍ଥ ହୁଏ । ଯେଉଁଜାତି ଓ ସମାଜରେ ଆଦର୍ଶବାଦୀ ଚିନ୍ତକ, ସାଧକଙ୍କ ସଂଖ୍ୟା ଅଧିକ, ସେ ଜାତି ସେତେ ସମୃଦ୍ଧ । ଜଗତ ମଣିଷକୁ ପୂଜା କରେନାହିଁ, ପୂଜାକରେ ତାଙ୍କର ସୁଗୁଣାବଳିକୁ, ତ୍ୟାଗ ଓ ବ୍ୟକ୍ତିତ୍ୱକୁ । ଅନ୍ୟପକ୍ଷରେ ଆଦର୍ଶହୀନ ମଣିଷ ଏ ସମାଜର ବୋଝ । ସେମାନଙ୍କର ନୀତିହୀନ କାର୍ଯ୍ୟ ସମାଜକୁ ଅବକ୍ଷୟଗ୍ରସ୍ତ କରିଥାଏ । ଆଦର୍ଶବାଦୀ ବ୍ୟକ୍ତି ତା'ର ବ୍ୟକ୍ତିତ୍ୱର ପ୍ରଭାବରେ ସମାଜରେ ଆଲୋଡ଼ନ ସୃଷ୍ଟି କରିଥାଏ, ଜାତି ପ୍ରାଣରେ ନମସ୍ୟହୋଇ ବଂଚି ରହିଥାଏ । ତେଣୁ ନୀତି ଓ ଆଦର୍ଶ ଜୀବନର ପ୍ରଧାନ ପାଥେୟ ହେବା ଉଚିତ୍ ।

(କ) ମଣିଷ କେଉଁଠାରେ କିଛିକାଳ ଅଭିନୟ କରି ବାହୁଡ଼ିଯାଏ ?

(i) ସିନେମାରେ

(ii) ଦୁନିଆଁର ରଙ୍ଗମଂଚରେ

(iii) ଯାତ୍ରାପାର୍ଟିରେ

(iv) ଟେଲିଭିଜନ୍ ପରଦାରେ

(ଖ) ମଣିଷ କିପରି ବଂଚିରହେ ?

(i) ସ୍ନେହ, ପ୍ରେମ ଓ ଭଲପାଇବାକୁ ନେଇ

(ii) ଈର୍ଷା ଓ ଅଭିମାନକୁ ନେଇ

(iii) ଯଶ, କୀର୍ତ୍ତି ଓ ଆଦର୍ଶକୁ ନେଇ

(iv) ଅହଂକାର ଓ ଆଭିଜାତ୍ୟକୁ ନେଇ

(ଗ) କେଉଁମାନଙ୍କ ତିରୋଧାନରେ ଦେଶ ଓ ଜାତି ଝୁରିହୁଏ ?

(i) ମହତ ଲୋକଙ୍କର

(ii) ଧନୀ ଲୋକଙ୍କର

(iii) ସାଧୁଙ୍କର

(iv) ନେତାଙ୍କର

www.FirstRanker.com

(ଘ) ବ୍ୟକ୍ତିର ଶ୍ରେଷ୍ଠ ସମ୍ପଦ କ'ଣ ?

(i) ସୁନା ଗହଣା

(ii) ଆଦର୍ଶ

(iii) ଉଚ୍ଚ ଅଟ୍ଟାଳିକା

(iv) ସୌନ୍ଦର୍ଯ୍ୟ

(ଙ) ସମାଜ କାହିଁକି ଅବକ୍ଷୟଗ୍ରସ୍ତ ହୁଏ ?

(i) ମୋବାଇଲ୍ ଫୋନ୍‌ର ବହୁଳ ବ୍ୟବହାର ଯୋଗୁଁ

(ii) ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲାଗିବା ଯୋଗୁଁ

(iii) ପ୍ରାକୃତିକ ବିପର୍ଯ୍ୟୟ ଘଟିବା ଯୋଗୁଁ

(iv) ମଣିଷର ନୀତିହୀନ କାର୍ଯ୍ୟ ଯୋଗୁଁ

(ଚ) ଆଦର୍ଶବାଦୀ ବ୍ୟକ୍ତି କେଉଁ ପଥରୁ କଦାପି ବିଚ୍ୟୁତ ହୁଏନାହିଁ ?

(i) ଦୀର୍ଘପଥ

(ii) ସନ୍ଧାନ ପଥ

(iii) କଂଟକିତ ପଥ

(iv) ସତ୍ୟ ଓ ନ୍ୟାୟ ପଥ

(ଛ) ଜଗତ କାହାକୁ ପୂଜା କରେ ?

(i) ବ୍ୟକ୍ତିର ବ୍ୟକ୍ତିତ୍ୱକୁ

(ii) ପ୍ରତିପତ୍ତିଶାଳୀ ବ୍ୟକ୍ତିକୁ

(iii) ଶାସକକୁ

(iv) ସଦ୍‌ଗୁରୁଙ୍କୁ

www.FirstRanker.com

2. ନିମ୍ନ ପଦ୍ୟାଂଶଟିକୁ ପଢ଼ି ଯେକୌଣସି ପାଂଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ । (1x5=5)

ମୁନି-ମୁଖ ବେଦ-ସ୍ୱନ ପୂର୍ଣ୍ଣକଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାର
ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି,
ବିହିଲା କି ସରସ୍ୱତୀ ବୀଣାଝଙ୍କାର;
ବେଳୁଁ ବେଳ ବନ ଉଜ୍ଜ୍ୱଳ,
ମନ୍ତ୍ରବଳେ ଯେହ୍ନେ ବଢ଼ି ଆସିଲା ବଳ ।

ଏ କାଳେ ବ୍ରହ୍ମଚାରିଣୀ ଅନୁକମ୍ପା ତପସ୍ୱିନୀ
ଆସି ଜନକନନ୍ଦିନୀ ପାଶେ ଗମ୍ଭୀରେ
ବୋଇଲେ, "ଉଠ ବୈଦେହି, ଉଷା ସୁକୁମାର ଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ,
ତମସା ରହିଛି ଅନାଇ
କୋଳକରି ଥରେ ସୁଖ ଲଭିବା ପାଇଁ।"
ପଦ୍ମିନୀ-ହୃଦ-ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ-ମୂରତି
ଶୋକ ଜର୍ଜରିତ ଚିତ୍ତ - ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ,
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ।

**ପ୍ରଶ୍ନାବଳୀ:**

**(କ)** ଉକ୍ତ କବିତାଂଶଟି କେଉଁକାବ୍ୟର ଅଂଶ ବିଶେଷ ? (1)

(i) ପ୍ରଣୟବଲ୍ଲରୀ
(ii) ଇନ୍ଦୁମତୀ
(iii) କୀଚକ ବଧ
(iv) ତପସ୍ୱିନୀ

**(ଖ)** ମୁନିମୁଖ ବେଦ ସ୍ୱନକୁ କବି କାହା ସହିତ ତୁଳନା କରିଛନ୍ତି ? (1)

(i) ଅନନ୍ତଙ୍କ ଫୁତ୍‌କାର
(ii) ଶ୍ୟାମ ବନଭୂମିରେ ପ୍ରବାହିତ ସମୀର
(iii) ସରସ୍ୱତୀଙ୍କ ବୀଣା ଝଙ୍କାର
(iv) ମନ୍ତ୍ରବଳରେ ବଢ଼ିଯାଉଥିବା ବଳ

**(ଗ)** ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କ'ଣ ? (1)

(i) ବିଶେଷ ଦେହଧାରିଣୀ କନ୍ୟା
(ii) ବିଦେହର କନ୍ୟା
(iii) ଦେହହୀନା କନ୍ୟା
(iv) ବିଦେଶିନୀ କନ୍ୟା

www.FirstRanker.com

(ଘ) ''ତମସା ରହିଛି ଅନାଇ''- ଏଠାରେ ତମସା କାହାକୁ ଅପେକ୍ଷା କରି ରହିଥିବା କଥା କୁହାଯାଇଛି ? (1)

(i) ଜନକ ନନ୍ଦିନୀ

(ii) ଅନୁକମ୍ପା

(iii) ଉଷା

(iv) ବାଲ୍ମୀକି

(ଙ) ସୀତାଙ୍କ ହୃଦୟରେ କାହାର ଚିତ୍ର ପ୍ରତିଫଳିତ ହେଲା ? (1)

(i) ସୂର୍ଯ୍ୟଙ୍କର

(ii) ରାମଙ୍କର

(iii) ପଦ୍ମର

(iv) ଉଷାଙ୍କର

(ଚ) ଅନୁକମ୍ପା କିଏ ? (1)

(i) ଯୋଗେଶ୍ୱରୀ

(ii) ଆଶ୍ରମର ଜଣେ ବ୍ରହ୍ମଚାରିଣୀ

(iii) ସୁକୁମାର ଦେହୀ ଉଷା

(iv) ଆଶ୍ରମ ନିକଟସ୍ଥ ନଦୀ

(ଛ) ଓଁକାର ଧ୍ୱନି କେଉଁମାନଙ୍କୁ ତୃପ୍ତି ପ୍ରଦାନ କଲା ? (1)

(i) ବୈକୁଣ୍ଠର ଅଧିବାସୀଙ୍କୁ

(ii) ନାଗଲୋକ

(iii) ସ୍ୱର୍ଗମଣ୍ଡଳ

(iv) ଭୂଲୋକ

କିମ୍ବା

ନିମ୍ନ ପଠିତ ପଦ୍ୟାଂଶଟିକୁ ପଢ଼ି ଯେ କୌଣସି ପାଂଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ ।

ମରୁ ପଥେ ପଥେ ନିର୍ଝର ସୃଜି
ଯାତ୍ରା କର ହେ କର,
ସ୍ପନ୍ଦନ ବହି ଅନ୍ତରେ କୋଟି
ପ୍ରଦୀପ ଉଚ୍ଚେ ଧର ।
ଶଙ୍କିତ ହେଉ କଂପିତ ପ୍ରାଣେ
ଚନ୍ଦ୍ର ତପନ ତାରା । ୩।

www.FirstRanker.com

ସନ୍ଧାନୀ ତବ ସନ୍ଧାନ ପଥେ
କଂଟକ ଟେକେ ଶିର,
ସମ୍ମୁଖେ ତବ କୁହେଳି ରଚଇ
ମୋହ ମମତାର ନୀର ।
ଭିନ୍ନ କରି ସେ ତନ୍ଦ୍ରା-ପରଶ
ହସାଅ ଭୁବନ ସାରା ।୪।
ଚିରି ଅତୀତର ଜୀର୍ଣ୍ଣ ଜୀବନ
ଜାଗ ଆହେ ଭବିଷ୍ୟତ,
ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ
ପୀଡ଼ନର ପରବତ ।
ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା,
ଜାଗ ବନ୍ଧନହରା ।୫ ।

(କ) କେଉଁ ପଥରେ ଯାତ୍ରା କରିବା ପାଇଁ କବି ଆହ୍ୱାନ ଦେଇଛନ୍ତି ?

(i) ଗିରିପଥ
(ii) ମରୁପଥ
(iii) ଜଳପଥ
(iv) ବନ୍ଧୁରପଥ

(ଖ) କ'ଣ ଭାଙ୍ଗିଯାଉ ବୋଲି କବି କାମନା କରିଛନ୍ତି ?

(i) କାରାଗାର
(ii) ଅର୍ଗଳ
(iii) ତନ୍ଦ୍ରା
(iv) ନିଦ୍ରା

(ଗ) ତନ୍ଦ୍ରା ପରଶରୁ ମୁକ୍ତ ହେଲେ କିଏ ହସି ଉଠିବ?

(i) ଭୁବନ
(ii) ଗଗନ
(iii) ପବନ
(iv) ଜୀବନ

www.FirstRanker.com

(ଘ) କାହାକୁ ଉଚ୍ଚରେ ଧରିବା ପାଇଁ କବି ପରାମର୍ଶ ଦେଇଛନ୍ତି ?

(i) ସ୍ୱନ୍ଦନ

(ii) ତପନ

(iii) ପ୍ରଦୀପ

(iv) ଜୀବନ

(ଙ) କେଉଁମାନଙ୍କୁ ଜାଗ୍ରତ ହେବା ପାଇଁ କବି କହିଛନ୍ତି ?

(i) ବୃଦ୍ଧ

(ii) ବାଳକ

(iii) ତରୁଣ

(iv) ଶିଶୁ

(ଚ) ସ୍ୟନ୍ଦନ କହିଲେ କ'ଣ ବୁଝାଯାଏ ?

(i) ରଥ

(ii) ସ୍ୱଦନ

(iii) ଜୀବନ

(iv) ଯାନ

(ଛ) ଅତୀତର କେଉଁ ଜୀବନ ଚିରିବା କଥା କୁହାଯାଇଛି ?

(i) ମୋହ

(ii) ମମତା

(iii) କୁହେଳି

(iv) ଜୀର୍ଣ୍ଣ

www.FirstRanker.com

3. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ । (ଯେ କୌଣସି ପାଂଚଟିର) (1x5=5)

(କ) ଗ୍ରାମ ମଧ୍ୟରେ ଏକପରିବାରତ୍ୱର ପରମ୍ପରା ସ୍ୱରୂପ ନିମ୍ନଲିଖିତ ମଧ୍ୟରୁ କେଉଁ ଉକ୍ତିଟି ଗ୍ରହଣୀୟ ? (1)

(i) ଲୋକଙ୍କୁ ଡାକି ଆଣି ମନବୋଧ ଚଉତିଶା ଆଦିର ବ୍ୟାଖ୍ୟା ଶୁଣାଇବା

(ii) ରଜ ପ୍ରଭୃତିବିଭିନ୍ନ ପର୍ବ ମିଳିମିଶି ପାଳନ କରିବା

(iii) ଗ୍ରାମରେ ଜାତି ବର୍ଣ୍ଣ ନିର୍ବିଶେଷରେ ଭାଇ, ଭଉଣୀ, କକା ଖୁଡ଼ୀ ଆଦି ଭାବରେ ସମ୍ପର୍କ ରଖିବା

(iv) ପିଣ୍ଡାରେ ବସି ଗ୍ରାମକୁ ଆସୁଥିବା ଅତିଥିମାନଙ୍କୁ କୁଶଳ ଜିଜ୍ଞାସା କରିବା

(ଖ) ରୋମୀୟ ସଭ୍ୟତାର ଆଦର୍ଶ କ'ଣ ? (1)

(i) ତ୍ୟାଗ

(ii) ଭୋଗ

(iii) ଆତ୍ମାନନ୍ଦ

(iv) ଆତ୍ମସଂଯମ

(ଗ) ବିବେକାନନ୍ଦ ନିଜର ପ୍ରଥମ ଶିଷ୍ୟ ଭାବରେ କାହାକୁ ଗ୍ରହଣ କରିଥିଲେ ? (1)

(i) ଶରତ ଚନ୍ଦ୍ର ଗୁପ୍ତ

(ii) ଶଶିଭୂଷଣ

(iii) ସ୍ୱାମୀ ପ୍ରେମାନନ୍ଦ

(iv) ରାମକୃଷ୍ଣାନନ୍ଦ

(ଘ) ଇଜ୍‌ରାଇଲ ସହିତ କେଉଁ ଭାଷା ସଂପର୍କିତ ? (1)

(i) ହିନ୍ଦୀ

(ii) ଇଂରାଜି

(iii) ଆରବି

(iv) ହିବ୍ରୁ

(ଙ) 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ? (1)

(i) ଉତ୍କଳ ସାହିତ୍ୟ

(ii) ଉତ୍କଳ ପ୍ରଭା

(iii) ଉତ୍କଳ ଦର୍ପଣ

(iv) ଉତ୍କଳ ଦୀପିକା

(ଚ) କେଉଁ ପର୍ବରେ ଦୋଳିଖେଳର ପ୍ରାଧାନ୍ୟ ଥାଏ ? (1)

(i) କୁମାର ପୂର୍ଣ୍ଣିମା

(ii) ଜନ୍ମାଷ୍ଟମୀ

(iii) ରଜ

(iv) ଦୋଳ

www.FirstRanker.com

(ଛ) ଜୀବ ବିଜ୍ଞାନ ଚର୍ଚ୍ଚାରୁ କି ସନ୍ଧାନ ମିଳିଥାଏ ? (1)

(i) ଜୀବ ଓ ପରମଙ୍କ ମଧ୍ୟରେ ଥିବା ସଂପର୍କ

(ii) ପ୍ରାଣୀର ବିଭିନ୍ନ ଗଠନ, ପ୍ରକ୍ରିୟା ତଥା ଜୀବନୀ ଶକ୍ତିର ଅଧିକାରୀ ହେବା ବିଷୟରେ

(iii) ଜୀବ ଓ ଜଡ଼ଙ୍କ ସଂପର୍କରେ ସମ୍ୟକ ଜ୍ଞାନ

(iv) ଜୀବ ଓ ଜଡ଼ଙ୍କ ମଧ୍ୟରେ ସଂଗଠିତ କ୍ରିୟା ପ୍ରତିକ୍ରିୟା

4. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ ।(ଯେ କୌଣସି ପାଂଚଟିର) (1x5=5)

(କ) 'ଚିଲିକା'କେଉଁ ଧରଣର କାବ୍ୟ ? (1)

(i) ମହାକାବ୍ୟ

(ii) ଚିତ୍ରକାବ୍ୟ

(iii) ଗାଥା କାବ୍ୟ

(iv) ଖଣ୍ଡକାବ୍ୟ

(ଖ) ତିମିର ବିଧ୍ୱଂସି କିଏ ? (1)

(i) ଉଷା

(ii) ଅନୁକମ୍ପା

(iii) ତମସା

(iv) ତାପସକନ୍ୟା

(ଗ) କାହାର ଶଙ୍ଖଧ୍ୱନିରେ ଦୁଃଖର ଜ୍ୱାଳା ପ୍ରଶମିତ ହେବ ? (1)

(i) ତରୁଣମାନଙ୍କର

(ii) ମହାମାନବର

(iii) ଦୁର୍ବଳ ମାନବର

(iv) ଈଶ୍ୱରଙ୍କର

(ଘ) ଅଶ୍ୱତ୍ଥାମା ଦ୍ରୌପଦୀଙ୍କ ପାଂଚପୁଅଙ୍କ ସହ ଆଉ କାହାର ମୁଣ୍ଡ କାଟିକି ଆଣିଥିଲେ ? (1)

(i) ଅର୍ଜ୍ଜୁନ

(ii) ସାତ୍ୟକୀ

(iii) ଦୁର୍ଦ୍ଦକ୍ଷ

(iv) ଧୃଷ୍ଟଦ୍ୟୁମ୍ନ

www.FirstRanker.com

**(ଙ)** ମରୁପଥରେ କବି କ'ଣ ସୃଷ୍ଟି କରିବାକୁ କହିଛନ୍ତି ? (1)

(i) ଅରଣ୍ୟ

(ii) ନିର୍ଝର

(iii) ବାଲୁକା ସ୍ତୂପ

(iv) ମରୀଚିକା

**(ଚ)** କ'ଣ ଖୋଜିଦେବା ପାଇଁ କବି ମାଟି ମା'କୁ ନିବେଦନ କରିଛନ୍ତି ? (1)

(i) ଅତୀତର ସ୍ମୃତି

(ii) ଧନ ଦୌଲତ

(iii) ଚେତନାର ଚାବିକାଠି

(iv) ନିଜର ସନ୍ତାନକୁ

**(ଛ)** ଘଟୋତ୍କଚଙ୍କ ପିତାଙ୍କ ନାମ କ'ଣ ? (1)

(i) ଭୀମ

(ii) ଅର୍ଜ୍ଜୁନ

(iii) ଯଧିଷ୍ଠିର

(iv) ନକୁଳ

5. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ । (ଯେ କୌଣସି ପାଂଚଟିର) (1x5=5)

**(କ)** ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଯାଏ— ଏହା ଯୌଗିକ ବାକ୍ୟରେ କ'ଣ ହେବ? (1)

(i) ଯେବେ ମକର ସଂକ୍ରାନ୍ତି ଆସେ, ସେବେ ଗୁଡ଼ି ଉଡ଼ାଯାଏ ।

(ii) ମକର ସଂକ୍ରାନ୍ତି ଆସେ ଓ ଗୁଡ଼ି ଉଡ଼ାଯାଏ ।

(iii) ମକର ସଂକ୍ରାନ୍ତି ଆସିବା ମାତ୍ରେ ଗୁଡ଼ି ଉଡ଼ାଯାଏ ।

(iv) ଗୁଡ଼ି ଉଡ଼ିଲେ ହିଁ ମକର ସଂକ୍ରାନ୍ତି ଆସେ ।

**(ଖ)** ମୋ ବାପା ବଜାର ଯାଇ ମୋ ପାଇଁ ବହି, ଖାତା ଓ କଲମ ଆଣିଲେ —ଏହା କେଉଁ ପ୍ରକାର ବାକ୍ୟ ? (1)

(i) ସରଳବାକ୍ୟ

(ii) ଯୌଗିକବାକ୍ୟ

(iii) ଜଟିଳବାକ୍ୟ

(iv) ନାସ୍ତି ସୂଚକ ବାକ୍ୟ

www.FirstRanker.com

(ଗ) ଯେ ଦେଶ ଯାଇ ସେ ଫଳ ଖାଇ- ଏହା କେଉଁ ପ୍ରକାର ବାକ୍ୟ ? (1)

(i) ଯୌଗିକ ବାକ୍ୟ

(ii) ସରଳ ବାକ୍ୟ

(iii) ଜଟିଳ ବାକ୍ୟ

(iv) ପ୍ରଶ୍ନ ସୂଚକ ବାକ୍ୟ

(ଘ) ସୁରେନ୍ଦ୍ର ବାବୁ ଧନୀ ହେଲେ ହେଁ ସୁଖୀ ନୁହଁନ୍ତି- ଏହା ଜଟିଳ ବାକ୍ୟରେ କ'ଣ ହେବ ? (1)

(i) ସୁରେନ୍ଦ୍ର ବାବୁ ଧନୀ, ମାତ୍ର ସୁଖୀ ନୁହଁନ୍ତି ।

(ii) ସୁରେନ୍ଦ୍ର ବାବୁ ଧନୀ ହେଲେ ମଧ୍ୟ ସୁଖୀ ନୁହଁନ୍ତି ।

(iii) ଯଦିଓ ସୁରେନ୍ଦ୍ର ବାବୁ ଧନୀ, ସେ ସୁଖୀ ନୁହଁନ୍ତି ।

(iv) ଯେହେତୁ ସୁରେନ୍ଦ୍ର ବାବୁ ଧନୀ, ସେ ସୁଖୀ ନୁହଁନ୍ତି ।

(ଙ) ବାପା କେବେ ଆଶା କରିନଥିଲେ ଯେ, ସନକେ ଶ୍ରଣୀରେ ପ୍ରଥମ ହେବ- ଏହା ସରଳ ବାକ୍ୟରେ କ'ଣ ହେବ ? (1)

(i) ବାପା ଆଶା କରିଥିଲେ ଯେ ସନକ ଶ୍ରେଣୀରେ ପ୍ରଥମ ହେବ ।

(ii) ସନକ ଶ୍ରେଣୀରେ ପ୍ରଥମ ହେବା କଥା ବାପା କେବେ ଆଶା କରିନଥିଲେ ।

(iii) ବାପା କେବେ ଆଶା କରିନଥିଲେ ବୋଲି ସନକ ଶ୍ରେଣୀରେ ପ୍ରଥମ ହେଲା ।

(iv) ବାପା ଆଶା କରିଥିବାରୁ ସନକ ଶ୍ରେଣୀରେ ପ୍ରଥମ ହେଲା ।

(ଚ) ବର୍ଷା କମିବାରୁ ପିଲାମାନେ ନିଜନିଜ ଘରକୁ ଫେରିଲେ । ଏହା ଯୌଗିକ ବାକ୍ୟରେ କ'ଣ ହେବ ? (1)

(i) ବର୍ଷା କମିଗଲା ଓ ପିଲାମାନେ ନିଜନିଜ ଘରକୁ ଫେରିଲେ ।

(ii) ବର୍ଷାକମିବା ପରେ ପିଲାମାନେ ନିଜନିଜ ଘରକୁ ଫେରିଲେ ।

(iii) ଯେହେତୁ ବର୍ଷା କମିଗଲା, ତେଣୁ ପିଲାମାନେ ନିଜନିଜ ଘରକୁ ଫେରିଲେ ।

(iv) ଯେତେବେଳେ ବର୍ଷା କମିଲା ସେତେବେଳେ ପିଲାମାନେ ନିଜନିଜ ଘରକୁ ଫେରିଲେ ।

www.FirstRanker.com

(ଛ) ନିମ୍ନ ବାକ୍ୟ ମଧ୍ୟରୁ ଜଟିଳ ବାକ୍ୟଟି ଚିହ୍ନାଅ । (1)

(i) ମୋ କହିବା ଜିନିଷ ଆଣିଛ ?

(ii) ମୁଁ ଯେଉଁ ଜିନିଷ ପାଇଁ କହିଥିଲି, ଆଣିଛ ?

(iii) ମୁଁ କହିଥିବା ଜିନିଷଟି ଆଣିଛ ନିଶ୍ଚୟ !

(iv) ମୁଁ କହିଥିଲି ଓ ସେ ଜିନିଷଟି ତୁମେ ଆଣିଛ ।

6. ଉତ୍ତର ପର୍ଯ୍ୟାୟ ମଧ୍ୟରୁ ଶୁଦ୍ଧ ଶବ୍ଦଟିକୁ ବାଛି ଲେଖ ।(ଯେ କୌଣସି ୫ଟିର) (1x5=5)

(କ) (i) ଆନୁସଙ୍ଗିକ (1)

(ii) ଆନୁଷଙ୍ଗୀକ

(iii) ଆନୁଷଙ୍ଗିକ

(iv) ଆନୁଶଙ୍ଗିକ

(ଖ) (i) ଯାତାୟତ (1)

(ii) ଯାତାୟାତ

(iii) ଜାତାୟତ

(iv) ଜାତାୟାତ

(ଗ) (i) ସୂର୍ଯ୍ୟପରାଗ (1)

(ii) ସୂର୍ଯ୍ୟଉପରାଗ

(iii) ସୂର୍ଯ୍ୟୋପରାଗ

(iv) ସୂର୍ଯ୍ୟପୋରାଗ

(ଘ) (i) ଦିବାରାତ୍ର (1)

(ii) ଦିବାରାତ୍ରି

(iii) ଦିବାରାତ୍ରୀ

(iv) ଦିବରାତ୍ର

(ଙ) (i) ଶଶିଭୂଷଣ (1)

(ii) ଶଶୀଭୂଷଣ

(iii) ଶଷୀଭୂଷଣ

(iv) ଶଶୀଭୁଷଣ

(ଚ) (i) ସାଣ୍ମାସିକ (1)

(ii) ସାଣ୍ମାଷିକ

(iii) ଷଣ୍ମାସିକ

(iv) ଷାଣ୍ମାସିକ

www.FirstRanker.com

7. ନିମ୍ନଲିଖିତ ରୂଢ଼ି ପ୍ରୟୋଗର ଅର୍ଥ ବୁଝାଉଥିବା ଠିକ୍ ବିକଳ୍ପଟିକୁ ବାଛ । (ଯେ କୌଣସି ପାଂଚଟିର) (1x5=5)

(କ) ତେଲିଆ ମୁଣ୍ଡରେ ତେଲ (1)

(i) ସୁବିଧା ହାସଲ କରିବା

(ii) ଅତି ବିଶ୍ୱାସୀ

(iii) ଥିଲାବାଲାକୁ ଅଧିକ ସାହାଯ୍ୟ

(iv) ଅଧିକ ସାହାଯ୍ୟ କରିବା

(ଖ) ଚଳୁ କରିଦେବା (1)

(i) କାମରେ ହାତ ଦେବା

(ii) ଚାଲି ଚାଲି ଯିବା

(iii) ସବୁ ଶେଷ କରିଦେବା

(iv) ଅନ୍ୟ ହାତରେ ପଡ଼ିବା

(ଗ) ଚିତା କାଟିବା (1)

(i) ଝୋଟି ପକାଇବା

(ii) ବାଟ ଭାଙ୍ଗିବା

(iii) ଅମାନ୍ୟ କରିବା

(iv) ଅନ୍ୟକୁ ଠକିବା

(ଘ) ମୁହଁଦେବା (1)

(i) ଅସୁବିଧା ଦେବା

(ii) ପ୍ରଶ୍ରୟ ଦେବା

(iii) କଥା ମାନିବା

(iv) ଆରମ୍ଭ କରିବା

(ଙ) ଗୋବର ଗଣେଶ (1)

(i) ଅସାମାଜିକ ବ୍ୟକ୍ତି

(ii) ନିଜଲୋକ ଶତ୍ରୁ

(iii) ନିର୍ବୋଧ

(iv) ଅତିବୁଦ୍ଧିଆ

www.FirstRanker.com

(ଚ) ପିଠିରେ ପଡ଼ିବା (1)

(i) ସାହା ହେବା

(ii) ଘୃଣା କରିବା

(iii) ଉପେକ୍ଷା କରିବା

(iv) ବ୍ୟର୍ଥ ହେବା

8. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେ କୌଣସି ୫ଟିର) (1x5=5)

(କ) କେଉଁ ଛନ୍ଦରେ ନବମ,ଏକାଦଶ ଓ ଷୋଡ଼ଶ ଅକ୍ଷରରେ ଯତିପାତ ହୁଏ ? (1)

(i) ନଟବାଣୀ

(ii) ରାମକେରୀ

(iii) ଭାଗବତବାଣୀ

(iv) ବଙ୍ଗଳାଶ୍ରୀ

(ଖ) ଉତ୍କଳ'-କମଳା'-ବିଳାସ'-ଦୀର୍ଘିକା'
ମରାଳ'-ମାଳିନୀ'-ନୀଳାମ୍ବୁ'-ଚିଲିକା' ॥ — ଏହା କେଉଁ ଛନ୍ଦରେ ରଚିତ ? (1)

(i) ଭାଗବତବାଣୀ

(ii) ବଙ୍ଗଳାଶ୍ରୀ

(iii) ନଟବାଣୀ

(iv) ରାମକେରୀ

(ଗ) କେଉଁ ଛନ୍ଦର ଅନ୍ୟନାମ ଗୁଜ୍ଜରୀ ? (1)

(i) ଭାଗବତବାଣୀ

(ii) ବଙ୍ଗଳାଶ୍ରୀ

(iii) ନଟବାଣୀ

(iv) ରାମକେରୀ

(ଘ) ବଙ୍ଗଳାଶ୍ରୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ? (1)

(i) ୯

(ii) ୧୬

iii) ୧୮

(iv) ୨୦

www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

(ଢ) ଅମୃତ' ବିନ'ୟ ବଚନ' । (1)
କହିତୋ'ଷିବ' ପ୍ରାଣୀମନ' ।।-ଏହା କେଉଁ ଛନ୍ଦରେ ରଚିତ ?

(i) ରାମକେରୀ

(ii) ବଙ୍ଗଳାଶ୍ରୀ

(iii) ନଟବାଣୀ

(iv) ଭାଗବତବାଣୀ

(ଚ) କେଉଁ ଛନ୍ଦକୁ ବିଭାସକେଦାର ମଧ୍ୟ କୁହାଯାଏ ? (1)

(i) ରାମକେରୀ

(ii) ବଙ୍ଗଳାଶ୍ରୀ

(iii) ନଟବାଣୀ

(iv) ଭାଗବତବାଣୀ

## 'ଖ'ବିଭାଗ
## ବର୍ଣ୍ଣନାତ୍ମକ/ଲିଖନ ମୂଳକ ପ୍ରଶ୍ନ

9. ରଚନା ଲେଖ । (8)

ବିଜ୍ଞାପନ ଓ ସମାଜ ଉପରେ ତାହାର ପ୍ରଭାବ

କିମ୍ବା

ମାନବିକ ଅଧିକାର

କିମ୍ବା

ଶିଳ୍ପର ବିକାଶ

www.FirstRanker.com

10. କୋଭିଡ୍-୧୯ ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ନେବାର ଆବଶ୍ୟକତା ସଂପର୍କରେ ତୁମେ ଲେଖିଥିବା ଏକ ପ୍ରବନ୍ଧ ପ୍ରକାଶ ନିମନ୍ତେ ଅନୁରୋଧ କରି ସ୍ଥାନୀୟ ସମ୍ବାଦପତ୍ର ସମ୍ପାଦକଙ୍କ ନିକଟକୁ ଏକ ପତ୍ର ଲେଖ । (7)

କିମ୍ବା

'ବନ୍ୟଜନ୍ତୁ ସଂରକ୍ଷଣ' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କ ନିକଟକୁ ପତ୍ରଲେଖ ।

(ବି.ଦ୍ର- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)



www.FirstRanker.com

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)

(କ) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ । (5)

(ଖ) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଗଳିତ ହେଲା । (5)

12. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)

(କ) ହରାଇବକରି ପଛେ ଶିଖିଲି ମୁଁ ବୁଦ୍ଧି
ପାଦେଶ ଟାଳିଲି ମୁଁ ୟେଡ଼େକ ସଂପ୍ରଧି । (5)

(ଖ) ତୋର ମୁକତିରେ ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ଅନ୍ତର ଆଦେଶେ ଚଳେ ମୁଁ
ଘୋଷି ତୋର ମହାଯଶ । (5)

13. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୫ଟିର) (2x5=10)

(କ) ଜନ୍ମଭୂମିକୁ ଧାତ୍ରୀ ଓ ଶିକ୍ଷୟିତ୍ରୀ କହିବାର କାରଣ କ'ଣ ? (2)

(ଖ) ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ? (2)

(ଗ) ରୁଷ ସରକାର ପ୍ରତ୍ୟେକ ସୋଭିଏଟ୍‌ରେ ଲୋକମାନଙ୍କୁ କେଉଁ ଅଧିକାର ଦେଇଛନ୍ତି ? (2)

(ଘ) ସମାଧିରେ ବୁଡ଼ି ନ ଯିବାପାଇଁ ଶ୍ରୀରାମକୃଷ୍ଣ ନରେନ୍‌ଙ୍କୁ କାହିଁକି କହିଥିଲେ ? (2)

(ଙ) ଆମ ମନସୁଖ ଲାଗି ହସକଥା କେଉଁଠାରେ ଭରି ରହିଛି ? (2)

(ଚ) ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗିଉଠିବେ ବୋଲି କବି କହିଛନ୍ତି ? (2)

(ଛ) ଦିଗଙ୍ଗନାଙ୍କ ଉଦ୍ଦେଶ୍ୟରେ କବି କେଉଁ ଶବ୍ଦପୁଞ୍ଜ ବ୍ୟବହାର କରିଛନ୍ତି ? (2)

14. ନିମ୍ନ ପ୍ରଶ୍ନର ଉତ୍ତର ନିଜ ଭାଷାରେ ଲେଖ । (5)

ଶିବେଇ ସାନ୍ତରା କାହିଁକି ତାଙ୍କର ଜୀବନ ଧନ୍ୟ ହୋଇଚି ବୋଲି ମନେକଲେ ?

କିମ୍ବା

ନଟବର ବାବୁ ତାଙ୍କ ବୋଉଙ୍କ ସଂପର୍କରେ କ'ଣ ଚିନ୍ତା କରୁଥିଲେ ?

କିମ୍ବା

ମଣିଷକୁ ବେଳେବେଳେ ସ୍କୃ ଢିଲା ବୋଲି କୁହାଯାଏ କାହିଁକି ?

* * *

www.FirstRanker.com